## ଦୁର୍ଘଟଣାରେ ଯୁବକ ମୃତ

ବାହାନଗା,(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ୧୬ନଂ. ଜାତୀୟ ରାଜପଥର ଖାନନଗର ଛକଠାରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଶେରଗଡ଼ ଅଞ୍ଚଳର ଗିରିଜା ଶଙ୍କର ମହାନ୍ତି ଓ ଗୋପୀନାଥ ଯେନା ବାଲେଶ୍ୱରରୁ ବାଇକ୍ ଯୋଗେ ଆସୁଥିବା ବେଳେ ଆଗକୁ ହଠାତ୍ ଏକ କୁକୁର ଚାଲିଆସିବାରୁ ଭାରସାମ୍ୟ ହରାଇ ଉଭୟ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ଗିରିଜାଙ୍କ ମୃତ୍ୟୁ ହୋଇଥିଲା।

## ସଂକ୍ଷେପରେ

### କୁଳିପୋଷି କ୍ରିକେଟ୍ ଟିମ୍ ଚାମ୍ପିୟନ

ଠାକୁରମୁଣ୍ଡା, ୨୪।୧୨ (ଡି.ଏନ୍.ଏ.) ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଦିଗଧର ମଠ ପଡ଼ିଆରେ ଗତ ୨୨ ତାରିଖଠାରୁ ଚାଲିଥିବା ୨୨ତମ ମା' ଡାଲକୁଟି କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୋଟ ୧୬ ଟିମ୍ ଏଥିରେ ଭାଗ ନେଇଥିଲେ। କୁଳିପୋଷି ଓ ଠାକୁରମୁଣ୍ଡା କ୍ରିକେଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିଣି କୋଳିପୋଷି ଟିମ୍ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୧୧୦ ରନ୍ ସଂଗ୍ରହ କରିଥିବା ବେଳେ ବିପକ୍ଷ ଠାକୁରମୁଣ୍ଡା ଟିମ୍ ୮ ଉଇକେଟ ହରାଇ ୯୨ ରନ୍ କରିଥିଲା। ଠାକୁରମୁଣ୍ଡା ଟିମ୍‌କୁ ହରାଇ କୋଳିପୋଷି ଚାମ୍ପିୟନ ହୋଇଥିଲା।

ଅତିଥି ଭାବେ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଏବଂ ସରପଞ୍ଚ ମଳୟ କୁମାର ପରିମାଣିକ ଯୋଗ ଦେଇଥିଲେ। ଚାମ୍ପିୟନ ଟିମ୍‌କୁ ନଗଦ ୨୦ ହଜାର ଟଙ୍କା ଓ ଟ୍ରଫି, ରନର୍ସଅପ୍‌କୁ ନଗଦ ୧୨ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ଲବର ସଦସ୍ୟ ସ୍ୱପ୍ନେଶ୍ୱର ଦେହୁରୀ, ଶୁଭଶଙ୍କର ବାରିକ, ରତିରଞ୍ଜନ ଦେହୁରୀ, ଗୁଡୁଲୁ ନାଏକ, ପ୍ରିୟବ୍ରତ ଦେହୁରୀ, ଶମ୍ଭୁ ଦାସ ପ୍ରମୁଖ ମ୍ୟାଚ୍ ଆୟୋଜନରେ ସହଯୋଗ କରିଥିଲେ। ଫାଇନାଲ ମ୍ୟାଚ୍‌କୁ ପରିଚାଳନା କରିଥିଲେ ତରଣୀ ଦାସ ଓ ଶୁଭେନ୍ଦୁ ବାରିକ। ପଦ୍ମଲୋଚନ ନନ୍ଦ, ମାଣିକେଶ୍ୱର କେରାଇ ଓ ସୁମନ୍ତ ନାଏକ ଧାରା ବିବରଣୀ ପ୍ରଦାନ କରିଥିଲେ।

### ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

ପାଟଣା,୨୪।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଖିରେଇଟାଙ୍ଗିରୀ କରଣ ବନ୍ଧ ନିକଟରେ ଶନିବାର ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପାଟଣା ବ୍ଲକ୍ କ୍ଷୀରେଇ ଟାଙ୍ଗିରି ପଞ୍ଚାୟତ ଡାବରଚୁଆ ଗ୍ରାମର ସୁକୁଟା ସର୍ଦ୍ଦାର (୩୬)। ସେ ସାଙ୍ଗମାନଙ୍କ ସହ କରଣ ଗ୍ରାମ୍ୟ ରାସ୍ତାରେ ଚାଲି ଚାଲି ଯାଉଥିଲେ। ପଛ ପାର୍ଶ୍ୱରୁ ଏକ ଟ୍ରାକ୍ଟର ଆସି ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇ ଚାଳକ ଟ୍ରାକ୍ଟର ନେଇ ଫେରାର ହୋଇଯାଇଥିଲା। ସେଠାରେ ଉପସ୍ଥିତ ଲୋକେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତୁରୁମୁଙ୍ଗା ଥାନା ଏଏସ୍‌ଆଇ ନରେଶ ଓରାମ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ତୁରୁମୁଙ୍ଗା ଥାନାରେ ନଂ. ୧୮୨/୨୨ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ପୋଲିସ କହିଛି।

### ମହିଳାଙ୍କୁ ଦୁର୍ବ୍ୟବହାର କରି ଯୁବକ ଗିରଫ

ମୋରଡା,୨୪।୧୨(ଡି.ଏନ.ଏ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡା ଫାଣ୍ଡି ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ପୋଲିସ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଫାଣ୍ଡି ଅଧୀନ ମାକୁନ୍ଦ ଗ୍ରାମର ରଣଜିତ ସିଂ। ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନଙ୍କ ସୂଚନା ଅନୁଯାୟୀ, ଗ୍ରାମର ରତନୀ ସିଂ(୨୬)ଙ୍କୁ ତାଙ୍କ ଦିଅର ରଣଜିତ ସିଂ ଗତ ୨୨ ତାରିଖରେ ଆଶାଳୀନ ବ୍ୟବହାର କରିବା ସହିତ ଖରାପ ଇଙ୍ଗିତ କରୁଥିଲେ। ଏନେଇ ମହିଳା ଜଣକ ଚିତ୍ରଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ମୋରଡା ପୋଲିସ ୩୯୬/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରଣଜିତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି।

# ମଣ୍ଡି ଖୋଲିବାରେ ବିଳମ୍ବ

ଧାମନଗର, ୨୪।୧୨(ସ୍ୱ.ପ୍ର.)

- ଦଲାଲ ହେଉଛନ୍ତି ମାଲାମାଲ
- ଆର୍ଥିକ କ୍ଷତି ସହୁଛନ୍ତି ଚାଷୀ

ଚଳିତ ବର୍ଷ ଧାନ ଅମଳ ସରିବାକୁ ବସିଥିଲେ ମଧ୍ୟ ପ୍ରଶାସନ ମଣ୍ଡି ଖୋଲିବାକୁ ନେଇ ଅହେତୁକ ବିଳମ୍ବ କରି ଚାଲିଛି। ଫଳରେ ଚାଷୀମାନେ ଦଲାଲମାନଙ୍କୁ କମ୍ ଦରରେ ଧାନ ବିକ୍ରି କରି ଆର୍ଥିକ କ୍ଷତି ସହୁଛନ୍ତି।

ପ୍ରକାଶ ଯେ, ଚଳିତବର୍ଷ ଧାମନଗର ବ୍ଲକରେ ୧୫ ହଜାର ୩୭୨ ହେକ୍ଟର ଚାଷଜମିରେ ଧାନ ଚାଷ କରାଯାଇଥିଲା। ଧାନ ଅମଳ ପରେ ସରକାରୀ ମଣ୍ଡିରେ ସ୍ଥିରୀକୃତ ଧାର୍ଯ୍ୟ ସରକାରୀ ଦରରେ ବିକି ଚାଷ ପାଇଁ ଧାର କରଜ କରିଥିବା ଟଙ୍କା ଶୁଝିଦେବେ ବୋଲି ଚାଷମାନେ ଭାବିଥିଲେ। କିନ୍ତୁ ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ଯୋଗୁ ଚାଷୀମାନେ ବାଧ ହୋଇ ଧାନ କୁଇଣ୍ଟାଲ ପ୍ରତି ୧୨୫୦ରୁ ୧୩୫୦ ଦରରେ ଦଲାଲମାନଙ୍କୁ ବିକ୍ରି କରୁଛନ୍ତି। ମାତ୍ର ସରକାରଙ୍କ ଧାର୍ଯ୍ୟ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୦୪୦ ଟଙ୍କା ଥିବାବେଳେ ଚାଷୀମାନଙ୍କୁ ହେକ୍ଟର ପିଛା ଅନୁନ୍ୟ ୩୫ ହଜାରରୁ ୪୫ ହଜାର ଆର୍ଥିକ କ୍ଷତି ସହିବାକୁ ପଡୁଛି। ଏପରିକି ଦଲାଲମାନେ ଆସି କ୍ଷେତରୁ ଧାନ ନେଇ ବାହାର ରାଜ୍ୟ ବେପାରୀଙ୍କୁ ଚଢ଼ାଦରରେ ବିକ୍ରି କରି ମାଲାମାଲ ହେଉଛନ୍ତି। ମାତ୍ର ଚଳିତବର୍ଷ ପ୍ରଶାସନର ଅବହେଳା ଯୋଗୁ ଚାଷୀମାନେ ଏପର୍ଯ୍ୟନ୍ତ ଧାନ ବିକ୍ରି ସମ୍ବନ୍ଧରେ କୋଣସି ସୂଚନା ପାଇପାରି ନାହାନ୍ତି। ଫଳରେ ସେମାନେ ଅମଳ ହୋଇଥିବା ସମସ୍ତ ଧାନ ସରକାରୀ ମଣ୍ଡିରେ ବିକ୍ରି କରିବାକୁ ନେଇ ଆଶା ଓ ଆଶଙ୍କା ମଧ୍ୟରେ ଅଛନ୍ତି। ଯଦି ଚାଷୀଙ୍କ ଧାନ ଦଲାଲମାନଙ୍କ ଦ୍ୱାରା ବାହାର ରାଜ୍ୟରେ ବିକ୍ରି ହେଉଛି, ତାହେଲେ ମଣ୍ଡି ଟାର୍ଗେଟ କିପରି ପୂରଣ କରୁଛି ବୋଲି ପ୍ରଶ୍ନ ଉଠିଛି। ଏଭଳି ଅବ୍ୟବସ୍ଥା ପ୍ରତି ଜିଲାପାଳ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା କହିଛନ୍ତି, ମିଲରମାନେ ଟଙ୍କା ଡିପୋଜିଟ୍ କରିବାରେ ବିଳମ୍ବ ହେତୁ ମଣ୍ଡି ଖୋଲାଯାଇ ପାରୁନାହିଁ। ତେବେ ଆସନ୍ତା ୨୮ ତାରିଖ ସୁଦ୍ଧା ଖୋଲିବାର ସମ୍ଭାବନା ରହିଛି।



ଦଲାଲଙ୍କୁ ବିକ୍ରି କରାଯାଇଥିବା ଚାଷୀଙ୍କ ଧାନ ଟ୍ରକ୍‌ରେ ବୋଝେଇ କରି ନିଆଯାଉଛି।

# ବାଲେଶ୍ୱରରେ ଧାନର ଅଭାବୀ ବିକ୍ରି

ବାଲେଶ୍ୱର ଅଫିସ,୨୪।୧୨

ବାଲେଶ୍ୱର ଜିଲାରେ ଖରିଫ୍ ଚାଷରେ ଅମଳ ହୋଇଥିବା ଧାନ ପାଇଁ ଜିଲାରୁ ୧ଲକ୍ଷ ୨ହଜାର ୮୬୭ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ସରକାର ଜିଲାକୁ ୧୯ଲକ୍ଷ ୨୮ହଜାର ୩୩୫ କୁଇଣ୍ଟାଲ ୫୩ କେଜି ଧାନ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷୁଦ୍ର ଏବଂ ବୃହତ୍ ଚାଷୀମାନଙ୍କଠାରୁ ସମାନ ଭାବ ରଖି ଧାନ କିଣିବା ପାଇଁ ଗତ ନଭେମ୍ବର ମାସରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଆୟୋଜନ ହୋଇଥିଲା। ଏଥିରେ ବାଲେଶ୍ୱର ଓ ଭଦ୍ରକର ଏମ୍‌ପିଙ୍କ ସମେତ ଜିଲାରେ ଥିବା ସମସ୍ତ ବିଧାୟକ, ଯୋଗାଣ ଅଧିକାରୀ, ସମବାୟ ନିବନ୍ଧକ ପ୍ରମୁଖ ଉପସ୍ଥିତ ରହି ବିଚାରବିମର୍ଶ କରିଥିଲେ। ପ୍ରଥମ କିସ୍ତିରେ ଧାନ କିଣିବା ପାଇଁ ଜିଲାକୁ ମିଳିଥିବା ଟାର୍ଗେଟ୍‌କୁ ଲକ୍ଷ୍ୟ ରଖି କ୍ଷୁଦ୍ର ଓ ବୃହତ୍ ଚାଷୀଙ୍କ ମଧ୍ୟରେ ସମଭାବ ପ୍ରଣାଳୀରେ କିପରି ଧାନ କିଣାଯିବ ଏବଂ ପ୍ରତ୍ୟେକ ଚାଷୀ ଏଥିରେ ଉପକୃତ ହେବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକର ନିଷ୍ପତ୍ତି ଅନୁସାରେ ପ୍ରତ୍ୟେକ ଚାଷୀ ୫୦ କୁଇଣ୍ଟାଲ ଧାନ ବିକ୍ରି କରିପାରିବେ ବୋଲି ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଏହାକୁ ନେଇ ଏବେ ବୃହତ୍ ଚାଷୀଙ୍କ ଅସନ୍ତୋଷ ବଢ଼ି ଚାଲିଛି। ରାଜ୍ୟସରକାରଙ୍କ ଯୋଗାଣ ବିଭାଗରେ ପଞ୍ଜିକରଣ କରାଯାଇଥିବା ଚାଷୀଙ୍କ ଜମିର ପରିମାଣକୁ ଦେଖି ୭୫କୁଇଣ୍ଟାଲ, ୮୦ କୁଇଣ୍ଟାଲ ଏପରିକି ୫୦କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଟୋକନ୍ ମେସେଜ୍ ମୋବାଇଲକୁ ଆସୁଥିବା ବେଳେ ଡିଏଲ୍‌ପିସିର ନିଷ୍ପତ୍ତି ସେମାନଙ୍କୁ ବିମୁଖ କରୁଛି। ଏହାକୁ ନେଇ ବୃହତ୍ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚାଷୀ ଚିନ୍ମୟ ଦାସଙ୍କ ଖରିଫ୍ ଧାନ ବିକ୍ରୟ ପାଇଁ ଟୋକନ୍ ନଂ. ୨୦ରେ ଧାନ ବିକ୍ରିର ପରିମାଣ ୭୫କୁଇଣ୍ଟାଲ ୪୭କେଜି ଗତ ୨୧ତାରିଖ ଶେଷ ତାରିଖ ଥିବା ଧାର୍ଯ୍ୟ ହୋଇଥିବା ବେଳେ ଡିଏଲ୍‌ପିସିର ନିର୍ଦ୍ଦେଶନାମା ଦେଖାଇ ସୋସାଇଟି ସର୍ବୋଚ୍ଚ ୫୦ କୁଇଣ୍ଟାଲ ନେବ ବୋଲି କହିଥିଲା। ଏହାକୁ ନେଇ ବିଭିନ୍ନ ଯୁକ୍ତିତର୍କ ହୋଇଥିଲେ ମଧ୍ୟ ଏଥିରେ କୌଣସି ସୁଫଳ ମିଳି ନ ଥିଲା। ଏନେଇ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ କହନ୍ତି, ଏହା ହେଉଛି ପ୍ରଥମ କିସ୍ତି। ପରେ ଟାର୍ଗେଟ୍ ଆସିଲେ ସମସ୍ତ ଚାଷୀଙ୍କଠାରୁ ଧାନ କିଣାଯିବ।

# ଦୁଇଶହ ପ୍ରଶ୍ନର ଉତ୍ତର ଦେଇ ମନ ଜିଣିଲେ ଛାତ୍ରୀଛାତ୍ର



ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ଡ.ଅଟଳ ବିହାରୀ ମଲ୍ଲିକ।

ବନ୍ତ,୨୪।୧୨(ଡି.ଏନ୍.ଏ.)

**ଜାତୀୟସ୍ତରରେ ସମୂହ ରେକର୍ଡ ଲାଗି ପ୍ରୟାସ**

ଜାତୀୟ ସ୍ତରରେ ସମୂହ ରେକର୍ଡ ସୃଷ୍ଟି କରିବା ଲାଗି ପ୍ରୟାସ। ଶନିବାର ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗସ୍ଥିତ ଏକାଡେମିକ୍ ଇଣ୍ଟର ନ୍ୟାଶନାଲ ସ୍କୁଲ ପରିସରରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୪ଶହ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଦେଶ ବିଦେଶ ସମ୍ପର୍କିତ ୨ଶହ ପ୍ରଶ୍ନ ପଚରାଯାଇଥିଲା। ମନସ୍ତତ୍ତ୍ୱଜ୍ଞ ଡ. ଅଟଳ ବିହାରୀ ମଲ୍ଲିକ ସମସ୍ତ ପ୍ରଶ୍ନ ପଚାରିଥିବା ବେଳେ ଶ୍ରୀକାନ୍ତ ପଣ୍ଡା ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର ୨୦୦ ପ୍ରଶ୍ନର ଠିକ୍ ଉତ୍ତର ତତ୍‌କ୍ଷଣାତ୍ ଦେଇ ଡ. ମଲ୍ଲିକଙ୍କ ମନ ଜିଣିଥିଲେ। ସେମାନଙ୍କ ଉତ୍ତରରେ ସେ ସନ୍ତୋଷ ପ୍ରକାଶ କରିଥିଲେ।

ଓଡ଼ିଶାରୁ ପ୍ରଥମ ଥର ଓ ପ୍ରଥମ ସ୍କୁଲ ଭାବେ ଏହି ବିଦ୍ୟାଳୟ ଏଭଳି ପ୍ରୟାସ କରିଥିବା ଜଣାଯାଇଛି। ପରିଚାଳନା ନିର୍ଦ୍ଦେଶକ ଦୈତାରୀ ଚରଣ ପତି ଓ ଅଧ୍ୟକ୍ଷ ବସନ୍ତ କୁମାର ସାମଲ ଉପସ୍ଥିତ ଥିଲେ। ମାନସ କୁମାର ଜେନା, ସୁନୀଲ ସାହୁ, ଦିଲୀପ ନାୟକ, ରମାକାନ୍ତ ତ୍ରିପାଠୀ, ହିମାଂଶୁ ପ୍ରଧାନ, ନରେନ୍ଦ୍ର ବେହେରା, ସଲିମ୍ ଅଲ୍ଲୀ, ନାରାୟଣ ତ୍ରିପାଠୀ, ଅମିତା ବେହେରା, ପ୍ରସନ୍ନ ବିଶ୍ୱାଳ, ହୋଲି ପଣ୍ଡା, ସୁଚିସ୍ମିତା ମହାନ୍ତି, ଏଲ୍. ପ୍ରଜ୍ଞାପରମିତା, ସିପ୍ରା ସାହୁ, ଶୁଭଲକ୍ଷ୍ମୀ ଦାସ, ତପସ୍ୱିନୀ ପାତ୍ର ଓ ବିନିତା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଶୋଇ ହୋ ସମାଜ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ବିଶୋଇ,୨୪।୧୨(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକ ବିଶୋଇ ହୋ ସମାଜର ଶାଖା ପକ୍ଷରୁ ୫ ଦଫା ଦାବି ନେଇ ବିଡିଓ ଭାଗବତ ପ୍ରସାଦ ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶାରେ ହୋ ଭାଷାକୁ ଦ୍ୱିତୀୟ ରାଜଭାଷା ମାନ୍ୟତା, ଓଡ଼ିଶାରେ ୮୦ପ୍ରତିଶତରୁ ଅଧିକ ହୋ ଭାଷାଭାଷୀ ଛାତ୍ର ଥିବା ବିଦ୍ୟାଳୟରେ ୫ ଶହ ବହୁଭାଷା ଶିକ୍ଷକ ନିଯୁକ୍ତି, ମୟୂରଭଞ୍ଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ହୋ ଭାଷାରେ ସ୍ନାତ୍ତୋକତର ଓ ଏହାର ଅନୁବନ୍ଧିତ ମହାବିଦ୍ୟାଳୟ ଗଡ଼ିକରେ ହୋ ଭାଷାରେ ସ୍ନାତକ ପାଠ୍ୟକ୍ରମ ପ୍ରଚଳନ, ଅଙ୍ଗନୱାଡ଼ି କେନ୍ଦ୍ରରେ ଥିବା ମାର୍ଗଦର୍ଶିକା ପୁସ୍ତକ ହୋ ଭାଷାରେ ପ୍ରଚଳନ, କେନ୍ଦ୍ର ସରକାରଙ୍କ ପକ୍ଷରୁ ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ଆଦି ପ୍ରମୁଖ ଦାବି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଅତ ଗୁରୁ ଲାକ ବଦରା ହୋ ହୁଦା ଆକଳା ବିଶୋଇ ବ୍ଲକ୍ କମିଟିର ଉପସଭାପତି ସିଦ୍ଧେଶ୍ୱର ସାମଡ଼ଙ୍କ ନେତୃତ୍ୱରେ ସମ୍ପାଦକ ରଙ୍ଗଲାଲ ପୂର୍ତ୍ତି, ବିଜୟ ପୂର୍ତ୍ତି, ହୋ ଭାଷା ଶିକ୍ଷକ ଲାଦୁରାମ ବଦରା, ରାଜକୁମାର ହେମ୍ବ୍ରମ, ସମ୍ରା ବାଣ୍ଡରା, ଅଜୟ ପୂର୍ତ୍ତି, ଚନ୍ଦ୍ରମୋହନ ବିରୁଆ, ଖୁଦିରାମ ବିରୁଆ, ଜୟରାମ ମେଲଗା ସମେତ ସମସ୍ତ ସଦସ୍ୟ ଦାବିପତ୍ର ପ୍ରଦାନ କରିଥିଲେ।

# ଖୋଲିଲା ୬ ଧାନମଣ୍ଡି


ଗଡ଼ପୋଖରୀରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ଖଇରା,୨୪।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଶୁକ୍ରବାର ୬ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଗଣେଶ ମହାପାତ୍ର ଓ ସହକାରୀ-ନିବନ୍ଧକ ଅମୂଲ୍ୟ ସେଠୀ ପ୍ରଥମେ ମାଣିତ୍ରୀ ସେବା ସମିତି ଅଧୀନରେ ଖୋଲାଯାଇଥିବା ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ପରେ ଅନ୍ତରା, ଓସଙ୍ଗ, ବର୍ତ୍ତନା,ହରିପୁର ଓ ଗଡ଼ପୋଖରୀ ମଣ୍ଡିର ଉଦ୍‌ଘାଟନ କରାଯାଇଥିଲା। ଅନ୍ତରାରେ ସମ୍ପାଦକ ବିକାଶ କୁମାର ନାୟକ ଓ ବୋର୍ଡ ସଭାପତି ଅଜୟ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଧାନକିଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହିଭଳି ବର୍ତ୍ତନାରେ ପରିଚାଳନା ବୋର୍ଡ ସଭାପତି ନିରଞ୍ଜନ ମହାପାତ୍ର ଓ ଉପସଭାପତି ପ୍ରତିମା ରାୟ, ପ୍ରାକ୍ତନ ସମିତି ସଭ୍ୟ ରଘୁନାଥ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ହରିପୁର ସମିତି ମଣ୍ଡିରେ ସମ୍ପାଦକ ରଞ୍ଜନ କୁମାର ରାଉତ, ବୋର୍ଡ ସଭାପତି ଆନନ୍ଦ ଚରଣ ଜେନା, ସରପଞ୍ଚ ପ୍ରଦୀପ ବେହେରା ଓ ବିଚିତ୍ର ପାତ୍ର, ପ୍ରାକ୍ତନ ସରପଞ୍ଚ ବିଷ୍ଣୁପଦ ଘଡେଇ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଗଡ଼ପୋଖରୀ ସମିତିରେ ସମ୍ପାଦକ ମାନସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହି ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡ଼ା,ବୋର୍ଡ ସଭାପତି ପ୍ରଦୀପ କୁମାର ଜେନା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ।

# ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ହେବ

## ଯୋଡ଼ା ମହୋତ୍ସବ ପ୍ରସ୍ତୁତି

ଯୋଡ଼ା,୨୪।୧୨(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ମହୋତ୍ସବ ପାଳନ ଲାଗି ଶୁକ୍ରବାର ଦ୍ୱିତୀୟ ପ୍ରସ୍ତୁତି ବୈଠକ ପୌରପାଳିକା ଲନ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକଙ୍କ ଉପସ୍ଥିତିରେ କମିଟିର ସଂଯୋଜକ ସୁଶାନ୍ତ ବାରିକ ମହୋତ୍ସବ ରୂପରେଖ ଉପରେ ଆଲୋଚନା କରାଯାଇଥିଲା। ଚଳିତବର୍ଷଜିଲା ଓ ରାଜ୍ୟର ବିଭିନ୍ନ ଲୋକନୃତ୍ୟ, ସଙ୍ଗୀତ ଓ ମେଲୋଡି କାର୍ଯ୍ୟକ୍ରମ ରହିଛି। ଏହା ବ୍ୟତୀତ କମିଟି ପକ୍ଷରୁ ପ୍ରତିଭା ଅନ୍ୱେଷଣ ପାଇଁ ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର, ଯୁବତୀଯୁବକଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଏଥିସହ ୨୦୨୩ ଜାନୁୟାରୀ ୨୦ରୁ ୨୨ ପର୍ଯ୍ୟନ୍ତ ମହୋତ୍ସବ ହେବା ନେଇ ପ୍ରାରମ୍ଭିକ ସୂଚନା ଦିଆଯାଇଥିଲା। ଧରଣୀଧର ଛକଠାରୁ ଶୋଭାଯାତ୍ରା ପରିକ୍ରମା କରି ଯୋଡା କେନ୍ଦ୍ରୀୟ ଖେଳପଡ଼ିଆଠାରେ ରଙ୍ଗମଞ୍ଚ ଜରିଆରେ କାର୍ଯ୍ୟକ୍ରମ ଉଦ୍‌ଘାଟନ ହେବା ନେଇ ଖସଡ଼ା ପ୍ରସ୍ତୁତ ହୋଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ପାରମ୍ପରିକ ନୃତ୍ୟ, ସଙ୍ଗୀତ, ଲୋକନୃତ୍ୟ ସହିତ ସୁନାମଧନ୍ୟ କଣ୍ଠଶିଳ୍ପୀ, ଓଲିଉଡ କଳାକାରମାନଙ୍କୁ ନେଇ ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବିଭିନ୍ନ ଜିଲା ତଥା ରାଜ୍ୟର ଲୋକନୃତ୍ୟ ଦଳକୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ କରାଯିବା ନେଇ ସିଦ୍ଧାନ୍ତ ନିଆଯାଇଛି। ବୈଠକରେ ମହୋତ୍ସବ କମିଟି ସଦସ୍ୟ, ଖବରଦାତା, ବରିଷ୍ଠ ନାଗରିକ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ କମିଟି ସଦସ୍ୟ ଓ ଅନ୍ୟମାନେ।

# ଟ୍ରକ୍ ଭଡ଼ା ୬ ପ୍ରତିଶତ ବୃଦ୍ଧି

କେନ୍ଦୁଝର,୨୪।୧୨(ଡି.ଏନ୍.ଏ.)

କିଛିଦିନ ପୂର୍ବରୁ ଟ୍ରକ୍ ଭଡ଼ା ବୃଦ୍ଧି, ନିୟମ ଅନୁସାରେ ଟୋକନ୍ ବାଣ୍ଟିବା ପ୍ରଭୃତି ଦାବିକୁ ନେଇ କେନ୍ଦୁଝର ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଟ୍ରକ୍ ମାଲିକମାନେ ଧାରଣାରେ ବସିଥିଲେ। ଅନ୍ୟଦିଗରେ ଟ୍ରକ୍ ମାଲିକ ସଂଘର ନିର୍ବାଚନ ହେଉ ନ ଥିବା ବେଳେ ଟ୍ରକ୍ ମାଲିକମାନଙ୍କର ଟ୍ରକ୍ ଭଡ଼ା ବୃଦ୍ଧିକୁ ଟ୍ରାନ୍ସପୋର୍ଟରମାନେ ମାନି ନେଇ ଶତକଡ଼ା ୬ ପ୍ରତିଶତ ଭଡ଼ା ବୃଦ୍ଧି କରିଥିବାରୁ ଟ୍ରକ୍ ମାଲିକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଛି। ଏ ବାବଦରେ ଧାରଣାରେ ବସିଥିବା ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ, ଟ୍ରକ୍ ମାଲିକ ଆୟଶକାନ୍ତ ପଟ୍ଟନାୟକଙ୍କୁ ପଚାରିବାରୁ ୬ ପ୍ରତିଶତ ବୃଦ୍ଧି ପରିବର୍ତ୍ତେ ୮ ପ୍ରତିଶତ ବୃଦ୍ଧି ଆମର ଦାବିଥିଲା। ତେବେ ଏହି ଭଡ଼ା ବୃଦ୍ଧି ଆଂଶିକ ସଫଳ ଦେଇଥିବା ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ଅନ୍ୟାନ୍ୟ ଦାବି ପାଇଁ ଲଢ଼େଇ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଜୟ ମିଶ୍ର, ପୂର୍ବତନ କୋଷାଧ୍ୟକ୍ଷ ପ୍ରଭାତ ରାଉତ, ପୂର୍ଣ୍ଣଚନ୍ଦ୍ର ସାହୁ, ଶଶିକାନ୍ତ ଦାଶ, ଅଶୋକ ମିଶ୍ର ପ୍ରମୁଖ ଭଡ଼ା ବୃଦ୍ଧିକୁ ସମର୍ଥନ କରିଛନ୍ତି।


ଧାରଣାରେ ବସିଥିବା ଟ୍ରକ୍ ମାଲିକମାନେ।

# ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ

ବାରିପଦା ଅଫିସ, ୨୪।୧୨

ବାରିପଦା ସ୍ଥିତ ଶହୀଦ ସ୍ମୃତି ଭବନରେ ୩ଦିନ ଧରି ଚାଲିଥିବା ଓଡ଼ିଶା ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘର ୬୦ତମ ରାଜ୍ୟସ୍ତରୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଏହି ସମ୍ମିଳନୀକୁ ପୂର୍ବତନ ରାଜ୍ୟସଭା ସାଂସଦ ତଥା ରାଜ୍ୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଭାପତି ଡ.ରାମଚନ୍ଦ୍ର ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ। ସଂଘର ସ୍ଥାୟୀ ସଭାପତି ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମୋରଡ଼ା ବିଧାୟକ ରାଜକିଶୋର ଦାସ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସମ୍ପାଦକ କିଶୋର କୁମାର ଜେନା, ସମ୍ମାନୀତ ଅତିଥି ଭାବେ ଉପ-ସଭାପତି ମଦନ ମୋହନ ଧଳ ଯୋଗ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ।

ଏହି ଅବସରରେ ୨୦୨୩ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ପ୍ରଶାନ୍ତ କୁମାନ୍ତ ମହାପାତ୍ର ସଭାପତି, କୈଳାସ ମହାନ୍ତ, ପ୍ରଫୁଲ୍ଲ ପଟ୍ଟନାୟକ, ନରେଶ ତ୍ରିପାଠୀ ଓ ପରମେଶ୍ୱର ବେହେରାଙ୍କୁ ଉପସଭାପତି, ଅକ୍ଷୟ କୁମାର ତ୍ରିପାଠୀ ସାଧାରଣ ସମ୍ପାଦକ, ସୂର୍ଯ୍ୟ ନାରାୟଣ ବିଶୋଇ, ଦିଲ୍ଲୀପ କୁମାର ସାହୁ, ଦୁର୍ଗାମାଧବ ପଣ୍ଡା ଓ ହିତେଶ କୁମାର ରାଉତ ଯୁଗ୍ମ ସମ୍ପାଦକ,ବିପିନ କୁମାର ସେଠୀ ମୁଖ୍ୟ ସଙ୍ଗଠନ ସମ୍ପାଦକ, ଅକ୍ଷୟ କୁମାର ନାଏକ, ପ୍ରତାପ ଛାଟୋଇ, ବିଜୟ ପଣ୍ଡା, ମାନସ ରଞ୍ଜନ ନାଥ, ସୁଦର୍ଶନ ଚାଲାଣ ଓ ମନୋଜ କୁମାର ଦାସଙ୍କୁ ସଂଗଠନ ସମ୍ପାଦକ ଓ ସଞ୍ଜୀବ ପ୍ରସାଦ ବେହେରାଙ୍କୁ କୋଷାଧ୍ୟକ୍ଷ ଭାବରେ ଚୟନ କରାଯାଇଥିଲା। ସେହିପରି ୭୦ଜଣ ଡିଭିଜନ ସମ୍ପାଦକ, ୯୦ କାର୍ଯ୍ୟକାରୀ ସଭ୍ୟ, ୧୬ ସର୍କଲ ସମ୍ପାଦକ ମଧ୍ୟ ନିର୍ବାଚିତ ହୋଇଥିଲେ। ପିସି ମହାପାତ୍ର ଓ ଦିଲ୍ଲୀପ କୁମାର ସାହୁ ନିର୍ବାଚନ ପରିଚାଳନା କରିବା ସହିତ ସମସ୍ତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ।

## କେନ୍ଦୁପୋଶି ଅଙ୍ଗନୱାଡ଼ି କର୍ମୀଙ୍କ ପରଲୋକ

କେନ୍ଦୁଝର,୨୪।୧୨(ସ୍ୱ.ପ୍ର)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କେନ୍ଦୁପୋଶି ଗ୍ରାମର ଅଙ୍ଗନୱାଡ଼ି କର୍ମୀ ମନ୍ଦାକିନୀ ପାତ୍ର(୪୨)ଙ୍କ ପରଲୋକ ଘଟିଛି। ସେ ଦୀର୍ଘଦିନ ହେଲା କର୍କଟ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ମହିଳା ଥିଲେ। ଶନିବାର ତାଙ୍କର ମୃତ୍ୟୁ ଖବର ପାଇ ବନ୍ଧୁବାନ୍ଧବ, ସାଙ୍ଗସାଥି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ହୋଇଥିଲା। ସାନପୁଅ ଅମରନାଥ ପାତ୍ର ମୁଖାଗ୍ନି ଦେଇଥିଲେ।

# ଭିଟାମାଟି ସୁରକ୍ଷା କମିଟିର ବିକ୍ଷୋଭ

ଭୋଗରାଇ,୨୪।୧୨(ଡି.ଏନ.ଏ.)

ଭୂମିହୀନ ଓ ଗରିବ ଲୋକଙ୍କୁ ସରକାରୀ ଜାଗାର ପଟ୍ଟା ଦେବା ଦାବିରେ ବାଲେଶ୍ୱର ଜିଲା ଭୋଗରାଇ ତହସିଲ ସମ୍ମୁଖରେ ଶୁକ୍ରବାର ବାରବାଟିଆ ଓ ନିମାତପୁର ପଞ୍ଚାୟତର ଶତାଧିକ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଦୁଇ ପଞ୍ଚାୟତର ଭୂମିହୀନ ଏବଂ ଗରିବ ଲୋକମାନେ ଆବାହନ କାଳରୁ ପାନବରଜ, କାଜୁ, ନଡ଼ିଆ, ଗୁଆ, ମୂଲ୍ୟବାନ ଗଛ ଲଗାଇ ଓ ମାଛଚାଷ କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ମାତ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ବନ୍ଦବୋସ୍ତ ଓ ଭୋଗରାଇର ପୂର୍ବତନ ତହସିଲଦାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଗ୍ରାମର ଗରିବ ଲୋକେ ସ୍ଥାୟୀ ପଟ୍ଟା ପାଇପାରି ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ବହୁ ଭୂମିହୀନ ଲୋକଙ୍କୁ ଅଦ୍ୟାବଧି ସ୍ଥାୟୀ ପଟ୍ଟା ଦେବାରେ ତହସିଲ କର୍ତ୍ତୃପକ୍ଷ ଟାଳଟୁଳନୀତି ଗ୍ରହଣ କରୁଥିବା ବେଳେ ବାହାର ପଞ୍ଚାୟତ ଓ ଜିଲାବାହାର ଲୋକଙ୍କୁ ସ୍ଥାୟୀ ପଟ୍ଟା ତହସିଲ ଯୋଗାଇ ଦେଉଥିବା ବିକ୍ଷୋଭକାରୀମାନେ କହିଛନ୍ତି। ଦୁଇ ଗ୍ରାମର ଭୂମିହୀନ ଓ ଗରିବ ଲୋକଙ୍କୁ ଗ୍ରାମ ବାଲିପନ୍ତାରୁ ପୁରୁଷାନୁକ୍ରମେ ଦଖଲରେ ଥିବା ଜାଗାକୁ ସରକାର ଉଚ୍ଛେଦ କଲେ ବ୍ୟାପକ ଗଣ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଭିଟାମାଟି ସଂଗ୍ରାମ ସୁରକ୍ଷା କମିଟିର ଆବାହକ ସରପଞ୍ଚ ବାସୁଦେବ ମହାନ୍ତି, ସମିତିସଭ୍ୟ ଭଗବାନ ରଣା, ଗୋପବନ୍ଧୁ ମହାପାତ୍ର, ହରିହର ପାତ୍ର, ସତ୍ୟନାରାୟଣ ଜେନା,ସୁଭାଷ ମହାପାତ୍ର, ପ୍ରଦୀପ କୁମାର ଜେନା, ସୁଧିର ଦଳାଇ, ଉତ୍ତମ ଦଳାଇ, ରବୀନ୍ଦ୍ର ଦଳାଇ ପ୍ରମୁଖ ଗ୍ରାମବାସୀ ଏକ ଦାବିପତ୍ର ତହସିଲ କାର୍ଯ୍ୟାଳୟର ହେଡ୍ କ୍ଲର୍କ ବାଞ୍ଛାନିଧି ମହାପାତ୍ରଙ୍କୁ ପ୍ରଦାନ କରିଥିଲେ।

## ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

ବାରିପଦା ଅଫିସ: ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ କର୍ମଚାରୀ ଭବନ ପରିସରରେ ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ଜିଲା ଶାଖାର କର୍ମଚାରୀ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ବିରଞ୍ଚି ନାଏକ ଉପଦେଷ୍ଟା, ସୁନୀଲ ଘୋଷ ସଭାପତି, ଅଶ୍ୱିନୀ କୁମାର ମିଶ୍ର ସମ୍ପାଦକ, ଜଗତଜୀବନ ସାହୁ ସଙ୍ଗଠନ ସମ୍ପାଦକ ଓ ଶମ୍ଭୁନାଥ ନାଏକ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟାନ୍ୟ ୨୧ଜଣ ସଦସ୍ୟ ସଦସ୍ୟ ଅଛନ୍ତି। ଏହି ଅବସରରେ ପୂର୍ବତନ ସଭାପତିଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବତନ ସଭାପତି ନୂତନ ସଦସ୍ୟଙ୍କୁ ଶପଥପାଠ କରାଇଥିଲେ।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ଅଟଳ ଯୁବ ସଙ୍ଗମ ସିଜିନ-୨, ସ୍ଥାନ-ଗାନ୍ଧୀସ୍ମୃତି ଭବନ, ସମୟ-ପୂର୍ବାହ୍ନ ୧୦ଟା।

## ଟାଏକୋଣ୍ଡୋରେ ସୁପ୍ରିୟାଙ୍କୁ ସ୍ୱର୍ଣ୍ଣ



ଯୋଡ଼ା,୨୪।୧୨(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା ସହରାଞ୍ଚଳ ୯ନଂ. ୱାର୍ଡର ବାସିନ୍ଦା ସୁନୀଲ ସାମଲ ଓ ମିତାରାଣୀ ସାମଲଙ୍କ ଝିଅ ସୁପ୍ରିୟା ସାମଲ ଚଳିତମାସ ଆସାମର ଗୌହାଟିରେ ହୋଇଥିବା ୧୭ବର୍ଷରୁ କମ ବର୍ଗର ଟାଏକୋଣ୍ଡୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସୁପ୍ରିୟା ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ହାଇଟେକ୍ ବ୍ଲିକ ସ୍କୁଲରେ ଅଧ୍ୟୟନରତ ଥିବା ବେଳେ ପୂର୍ବରୁ ଯୋଡ଼ାସ୍ଥିତ ସେଣ୍ଟ ଟେରେସା ବିଦ୍ୟାଳୟରେ ଛାତ୍ରୀ ରହିଥିଲେ। ଖବର ଜାଣିବା ପରେ ତାଙ୍କ ନିଜସ୍ୱ ଜନ୍ମମାଟି ଯୋଡ଼ାର ସାଙ୍ଗ, ପରିବାରବର୍ଗ ଓ ଶିକ୍ଷୟିତ୍ରୀ-ଶିକ୍ଷକଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

## ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ବାହାନଗା,୨୪।୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାଉଡୁ ପଞ୍ଚାୟତର ଜଣେ ଯୁବତୀଙ୍କୁ ଅପହରଣ ପରେ ବଳାତ୍କାର କରି ଫେରାରଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ସୋର ଥାନା ମୁଲିସିଂ ଅଞ୍ଚଳ ଜୋଣଗଡ଼ିଆ ଗ୍ରାମର ରଞ୍ଜିତ ସିଂ। ଏନେଇ ସୋର ଥାନାରେ ଏକ ମାମଲା(ନଂ.୫୪୭/୨୨) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗତ ୩ ମାସ ତଳେ ରଞ୍ଜିତ କେତେଜଣ ସହଯୋଗୀଙ୍କ ସହ ଉକ୍ତ ଯୁବତୀଙ୍କୁ ଜୋର ଜବରଦସ୍ତ ଏକ କାର୍ ଯୋଗେ ଅପହରଣ କରିନେଇଥିଲେ। ଖନ୍ତାପଡ଼ା ଅଞ୍ଚଳର ଏକ ଭଡ଼ା ଘରେ ରଖି ବଳାତ୍କାର କରିଥିବା ନେଇ ଗତ ୧୯ ତାରିଖରେ ଯୁବତୀ ଜଣକ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଚଳାଇ ଶନିବାର ମୁଖ୍ୟ ଅଭିଯୁକ୍ତ ରଞ୍ଜିତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ମନ୍ଦିର କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

କେନ୍ଦୁଝର,୨୪।୧୨(ସ୍ୱ.ପ୍ର.): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ବଡଶାସନଠାରେ ଥିବା ଏକ ମନ୍ଦିରରେ କାମ କରୁଥିବା ଜଣେ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ଜଣଙ୍କ ବିରବରପୁର ପାଟଣା ସାହିର ଗୋପାଳ ନାୟକ(୫୫)। ପୋଲିସ ସୂଚନା ମୁତାବକ, ସେ ଶନିବାର ସକାଳେ ଚା ପିଇ ଘରୁ ବାହାରିଥିଲେ। କିଛି ସମୟ ପରେ ମନ୍ଦିର ନିକଟ ପଡ଼ିଆରେ ଏକ ଶୁଖିଲା ଗଛରେ ତାଙ୍କର ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି। ପରିବାର ଲୋକେ ମନ୍ଦିର ସମ୍ମୁଖରେ ଏକତ୍ରିତ ହୋଇ କ୍ଷତିପୂରଣ ଦେବା ସହ ନିରପେକ୍ଷ ତଦନ୍ତ ଦାବି କରିଥିଲେ।

## ବନଫୁଲ ବିଦ୍ୟାଳୟରେ ବିଜ୍ଞାନ ମେଳା

ତେଲକୋଇ,୨୪।୧୨(ଡି.ଏନ.ଏ.): କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍‌ର ବନଫୁଲ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଆନୁକୂଲ୍ୟରେ ଶୁକ୍ରବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ମୁଖ୍ୟ ଅତିଥି ଭାବରେ ପରିବେଶବିତ ଡ. ବିମ୍ବାଧର ବେହେରା ଏବଂ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଖବରଦାତା ନରେଶ ପଟ୍ଟନାୟକ ଉପସ୍ଥିତ ରହି କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମେଳାରେ ପରିବେଶ ପ୍ରଦୂଷଣର କାରଣ ଓ ନିରାକରଣ, ମହାକାଶ ବିଜ୍ଞାନ, ଗାଣିତିକ ମଡେଲ, ନୂତନ ଚିନ୍ତାଧାରା ସମ୍ବନ୍ଧିତ ୧୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରିଥିଲେ।

# ବୀଣାପାଣି କଳା ନିକେତନର କଳାଭିନୟ ମନମୋହିଲା

କେନ୍ଦୁଝର,୨୪।୧୨(ଡି.ଏନ୍.ଏ)

### ଗୋନାସିକା ମହୋତ୍ସବ, ପଲ୍ଲିଶ୍ରୀ ମେଳା



କଳା ନିକେତନର କଳାକାର ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

କେନ୍ଦୁଝର ଜିଲା ପ୍ରଶାସନ ତରଫରୁ ଅନୁଷ୍ଠିତ ଗୋନାସିକା କେନ୍ଦୁଝର ମହୋତ୍ସବ-୨୦୨୨ ଓ ପଲ୍ଲିଶ୍ରୀ ମେଳା ୬ଷ୍ଠ ଦିନରେ ପହଞ୍ଚିଛି। ଶନିବାର ସନ୍ଧ୍ୟାରେ ଆନନ୍ଦପୁରର ଶାଳପଡ଼ାସ୍ଥିତ ବୀଣାପାଣି କଳା ନିକେତନର କଳାକାରଙ୍କ କଳାଭିନୟ ଦର୍ଶକମାନଙ୍କ ମନମୋହିଥିଲା। କଳାକାରମାନଙ୍କ ଦ୍ୱାରା ପରିବେଷିତ 'ଆମ ଗାଁ ହସୁଛି' ଓ 'ଆମେ ଝିଅ' ଅଭିନୟ ଉପସ୍ଥାପନା ଦର୍ଶକମାନଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା। ଝିଅ ବିଦା ସମୟରେ ଚିତାକର୍ଷକ ହୃଦୟସ୍ପର୍ଶୀ ଅଭିନୟ ଯାହା ସହିତ ସଙ୍ଗୀତ ଓ ନୃତ୍ୟରେ ଦର୍ଶକ ଆତ୍ମବିଭୋର ହୋଇଥିଲେ। ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟଶିଳ୍ପୀ ତେଜସ୍ୱିନୀ ରାଉତ, ଦେବାଙ୍ଗୀ ସେନାପତି, ଲିନୁ ମହାନ୍ତି, ଶ୍ରଦ୍ଧାଞ୍ଜଳି ପଣ୍ଡା, ପ୍ରୀତି ପ୍ରତ୍ୟୁଷା ମଲ୍ଲିକ, ଇତିଶ୍ରୀ ଓଝା, ମୋନିକା ଦାଶ ଓ ବିନୋଦ ଓଝାଙ୍କର ଅଭିନୟ ଉଚ୍ଚ ପ୍ରଶଂସିତ ହୋଇ ପାରିଥିଲା। ଶେଷରେ ଜିଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼, ବରିଷ୍ଠ ସାମ୍ବାଦିକ ପ୍ରଣୟ ପାଣି, ସାଂସ୍କୃତିକ କମିଟି ସଦସ୍ୟ ଦେବାଶିଷ ମିଶ୍ର, ସାଂସ୍କୃତିକ କମିଟି ସଦସ୍ୟ ନିର୍ମଳ ନାୟକ ପ୍ରମୁଖ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ରୌପ୍ୟ,ବ୍ରୋଞ୍ଜ ପଦକ ହାସଲ କଲେ ୨ ଛାତ୍ର



ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିବା ୨ଛାତ୍ର।

ଭୋଗରାଇ,୨୪।୧୨(ଡି.ଏନ.ଏ.)

### ଟାଏକୋଣ୍ଡୋ ପ୍ରତିଯୋଗିତା

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦେହୁର୍ଦ୍ଦାସ୍ଥିତ ଦେବ ଇଣ୍ଟର ନ୍ୟାସନାଲ ସ୍କୁଲର ୨ ଛାତ୍ର କୋଲକାତାରେ ଖେଳା ଯାଇଥିବା ଇଣ୍ଟରନ୍ୟାସନାଲ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଲାଭ କରି ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ସ୍କୁଲର ଷ୍ଟାଣ୍ଡାର୍ଡ ଥ୍ରୀର ଛାତ୍ର ଅଭିରୂପ ଗିରି ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ପକ୍କା କରି ରୌପ୍ୟ ପଦକ ଓ ଷ୍ଟାଣ୍ଡାର୍ଡ ସେଭେନ୍‌ର ଛାତ୍ର ସମ୍ବିତ କୁମାର ବେହେରା ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ପାଇବାର ଗୌରବ ଅର୍ଜନ କରିଛନ୍ତି। ବହୁ ପ୍ରତିଯୋଗୀଙ୍କୁ ପଛରେ ପକାଇ ଭୋଗରାଇର ଏହି ୨ଛାତ୍ର ଦୁଇ ପଦକ ହାସଲ କରିଥିବାରୁ ସ୍କୁଲର ପ୍ରିନ୍ସପାଲ ଦେବାଶିଷ ବିଶ୍ୱାସ, କୋଚ୍ ପ୍ରଫୁଲ୍ଲ ମାସନ୍ତ ଓ ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକମାନେ ଆନନ୍ଦ ପ୍ରକାଶ କରିଛନ୍ତି।

# 'ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏସ୍‌ଏଚ୍‌ଜିର ଭୂମିକା ଗୁରୁତ୍ୱପୂର୍ଣ୍ଣ'



କ୍ଷୁଦ୍ର ଉଦ୍ୟୋଗ ବିକାଶ ସମବାୟ ସମିତିର ସାଧାରଣ ସଭା।

ବାଲେଶ୍ୱର ଅଫିସ,୨୪।୧୨

ବାଲେଶ୍ୱର ସହର ହେମକାପଦା ସ୍ଥିତ ଏକ କଲ୍ୟାଣମଣ୍ଡପରେ କ୍ଷୁଦ୍ର ଉଦ୍ୟୋଗ ବିକାଶ ସମବାୟ ସମିତିର ତ୍ରୟୋଦଶ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଲେଶ୍ୱର କୋ-ଅପରେଟିଭ୍ ଡିଭିଜନ୍‌ର ଡିଆର୍‌ସିଏସ୍ ସୀତାପତି କରୁଣାକର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତୀକରଣ କ୍ଷେତ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ କ୍ଷୁଦ୍ର ଉଦ୍ୟୋଗ ବିକାଶ ସମବାୟ ସମିତିର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ସାଧାରଣ ସଭାରେ ୨୦୦ ସ୍ୱୟଂ ସହାୟକ ଗୋଷ୍ଠୀର ୫ଶହରୁ ଊର୍ଦ୍ଧ୍ୱ ମହିଳା ସଦସ୍ୟାମାନେ ଯୋଗଦେଇଥିଲେ। ସମବାୟବିତ୍ ଓ ସମାଜସେବୀ ଅରୁଣ ଚାଟାର୍ଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମହିଳା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଜୟ ସାମଲ ଓ କୃଷ୍ଣ ଗୋପାଳ ପଣ୍ଡା ଉପସ୍ଥିତ ଥିଲେ। ସମବାୟ ସମିତିର ସମ୍ପାଦକ ପ୍ରଶାନ୍ତ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମିତିର ଉପ-ସଭାନେତ୍ରୀ ବବିତା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପରିଚାଳକ ସୁରେନ୍ଦ୍ର ନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ୪୦ ବସ୍ତା ଧାନ ଚୋରି ଅଭିଯୋଗ, ଜଣେ ଗିରଫ

ଆନନ୍ଦପୁର,୨୪।୧୨(ସ୍ୱ.ପ୍ର.)

ଧାନ ଚୋରି ଅଭିଯୋଗରେ କେନ୍ଦୁଝର ଜିଲା ଆନନ୍ଦପୁର ପୁଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଗ୍ରାମର ରାଜୁ ହେମ୍ବ୍ରମ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ବାଉଁଶଗଡ଼ ଗ୍ରାମର ଘନଶ୍ୟାମ ବାଗସିଂ ଓ ନାରାୟଣ ପାତ୍ର ମିଳିତ ଭାବେ ୪୦ ବସ୍ତା ଧାନ ଗ୍ରାମର ଶରତ ପାତ୍ରଙ୍କ ଘରେ ରଖିଥିଲେ। ଚଳିତ ମାସ ୨୧ ତାରିଖରେ ଶରତଙ୍କ ପରିବାରବର୍ଗ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗରେ ଦୁର୍ବୃତ୍ତ କବାଟ ଭାଙ୍ଗି ୪୦ ବସ୍ତା ଧାନ ନେଇ ଯାଇଥିଲେ। ଶରତଙ୍କ ପରିବାର ଘରକୁ ଫେରିବା ପରେ ଚୋରି ସମ୍ପର୍କରେ ଜାଣି ଆନନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୯୩/୨୨ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

# ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ସମାରୋହ

ରୂପସା,୨୪।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅନ୍ତର୍ଗତ ନଳବାହାର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଶନିବାର ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କମିଟି ସଭାପତି ଚକ୍ରଧର ସେଠୀ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଦୟାନିଧି ସାହୁ ଓ ମୁଖ୍ୟବକ୍ତା ଶିକ୍ଷାବିଭାଗ ସମିତିର ଶଙ୍କୁଳ ପ୍ରମୁଖ ଉପେନ୍ଦ୍ରନାଥ ପାତ୍ର ଯୋଗଦେଇ କୁନି ପିଲା ହସିଲେ ଦେଶ ହସିବ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ସରପଞ୍ଚ ବନିତା ରାଉତ ଓ କମିଟି ସଭାପତି ସୁବ୍ରତ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଛାତ୍ରୀଛାତ୍ରଙ୍କ ଭୂମିକା ଦିଗରେ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ମିନତୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମଧୁସୂଦନ ଭକ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁଜୀ ଲକ୍ଷ୍ମୀଧର ଜେନା, ବରେନ୍ଦ୍ର ସାହୁ, ଗୌରକୃଷ୍ଣ ନାୟକ, ଗୁରୁମା ଶାନ୍ତିଲତା ନାୟକ, କମଳିନୀ ଆଚାର୍ଯ୍ୟ, ସୁରଭି ଲତା ବାରିକ, କଳ୍ପନା ରାଉଳ, ସରସ୍ୱତୀ ମାଝୀ, ସ୍ୱର୍ଣ୍ଣଲତା ଗିରି, ସଞ୍ଜିତା ପରିଡ଼ା, ମମତା ପରିଡ଼ା, ସବିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଉଦ୍ୟମ ଆବଶ୍ୟକ'



ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଉଛି।

ଖଇରା,୨୪।୧୨(ଡି.ଏନ.ଏ.)

### କୁପାରୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ହାଇସ୍କୁଲର ବାର୍ଷିକ କ୍ରିଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଜଗବନ୍ଧୁ ବେଶ୍ରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ପ୍ରତ୍ୟେକ ପିଲା ପାଖରେ ଅନ୍ତର୍ନିହିତ ପ୍ରତିଭା ରହିଛି । ପରିବର୍ତ୍ତିତ ଶିକ୍ଷାଢାଞ୍ଚାରେ ପ୍ରତିଭାର ଉନ୍ମୋଚନ ପାଇଁ ଶିକ୍ଷାରେ ଆନ୍ଦୋଳନ ସୃଷ୍ଟି ହେବା ଦରକାର ବୋଲି କହିଥିଲେ। ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ସ୍କୁଲର ବିଭିନ୍ନ ସମସ୍ୟା ଉତ୍ଥାପନ କରିବା ସହ ସ୍କୁଲ ପରିସରରେ ଚାରାରୋପଣ ଲାଗି ବିଧାୟକଙ୍କ ସହଯୋଗ ଲୋଡିଥିଲେ। ଓଷ୍ଟା ସଭାପତି ଦୀନବନ୍ଧୁ ଦାଶ ମୁଖ୍ୟବକ୍ତା, ସରପଞ୍ଚ ଜ୍ୟୋସ୍ନାବାଳା ଦାସ, ସମିତି ସଭ୍ୟ ଅକ୍ଷୟ କୁମାର ଜେନା, ଏସ୍‌ଏମ୍‌ସି ସଭାପତି ଦେବେନ୍ଦ୍ର ଜେନା, ପ୍ରାକ୍ତନ ଶିକ୍ଷକ ଅକ୍ଷୟ କୁମାର ବାରିକ, କରୁଣାକର ମହାନ୍ତି ପ୍ରମୁଖ ସମ୍ମାନୀତ ଅତଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଅଭୟ କୁମାର ଦଳେଇ ଅତିଥି ପରିଚୟ ଓ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଦୀନବନ୍ଧୁ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ

ନୀଳଗିରି,୨୪।୧୨(ସ୍ୱ.ପ୍ର)

ନୀଳଗିରି ବ୍ଲକ ବରହମପୁରସ୍ଥିତ ଦୀନବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଯୋଗଦେଇଥିଲେ। ବିଦ୍ୟାଧର ଦଳାଇ ସଭାପତିତ୍ୱ କରିଥିବାବେଳେ ବିବରଣୀ ପାଠ କରିଥିଲେ ପ୍ରଧାନ ଶିକ୍ଷକ ରମାକାନ୍ତ ପଣ୍ଡା। ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏନ୍‌ଏସି ଅଧ୍ୟକ୍ଷା ଅମ୍ବିକା ଦାସ, ୧୧ନଂ., ୧୨ନଂ. ଜୋନ୍‌ର ଜିଲାପରିଷଦ ସଦସ୍ୟ ସୁବର୍ଣ୍ଣା ମଞ୍ଜରୀ ସିଂ, ରଞ୍ଜିତା ସିଂ ମଞ୍ଚରେ ଉପସ୍ଥିତ ଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିଲ୍ଲୀପ କୁମାର ସେଠୀ। ଉଦ୍‌ଘାଟନୀ ଉତ୍ସବରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ଅବସରପ୍ରାପ୍ତ ପ୍ରଫେସର ରବିନାରାୟଣ ଚୌଧୁରୀ ଯୋଗ ଦେଇଥିଲେ।

## ସଙ୍କୁଳସ୍ତରୀୟ କ୍ରୀଡ଼ା ଉତ୍ସବ

ପଦ୍ମପୁର,୨୪।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଗଣେଶ ନନ୍ଦ ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସାବରଙ୍ଗ ସରପଞ୍ଚ ମାଧବାନନ୍ଦ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାଦଲ କିଶୋର ମହାପାତ୍ର କ୍ରୀଡ଼ା ସମ୍ବନ୍ଧରେ କହିଥିଲେ। ସଂକୁଳ ସହସଂଯୋଜକ ଗଣେଶ ପ୍ରସାଦ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଯୋଜକ ରବୀନ୍ଦ୍ର କୁମାର ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ଅକ୍ଷୟ କୁମାର ମହାପାତ୍ର, ପ୍ରଧାନଆଚାର୍ଯ୍ୟ ମୃତ୍ୟୁଞ୍ଜୟ ନାୟକ, ନରେଶ ଚନ୍ଦ୍ର ମହାନ୍ତି, ରବୀନ୍ଦ୍ର କୁମାର ନାୟକ ଓ ସହସମ୍ପାଦକ ପଦ୍ମନାଭ ବଳ ପରିଚାଳନାରେ ସହଯୋଗ କରିଥିଲେ। ପରିଚାଳନା କମିଟି ଉପସଭାପତି ଗୋଲକ ବିହାରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ୧୧ ଶିଶୁମନ୍ଦିରର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସଂକୁଳ ପ୍ରମୁଖ ନକୁଳ ଚରଣ ବାରିକଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସଭା ହୋଇଥିଲା। ସମିତିସଭ୍ୟା ସୁକାନ୍ତି ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶିଶୁମନ୍ଦିର ପ୍ରତିଷ୍ଠାତା ବିଜୟ କୁମାର ବଳ ଉପସ୍ଥିତ ଥିଲେ।

# ଶାରଦା ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ଭଣ୍ଡାରିପୋଖରୀ,୨୪।୧୨(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ଶାରଦା ବିଦ୍ୟାମନ୍ଦିରର ଊନବିଂଶତମ ବାର୍ଷିକ କ୍ରୀଡା ଉତ୍ସବ ଚନ୍ଦ୍ରଭାନୁପୁର ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ବିଇଓ ଅଧିର କୁମାର ତରାଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସମ୍ମାନିତ ଅତିଥି ସରପଞ୍ଚ ମିନତି ସାହୁ ଏବଂ ନିମନ୍ତ୍ରିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ଲଳିତ କୁମାର ରାଉତ, ମହିଳା ନେତ୍ରୀ ସବିତା ଚନ୍ଦ, ଏବିଇଓ ଉମେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ପବନ କୁମାର ନାୟକ ଅତିଥି ପରିଚୟ ଦେଇଥିବା ବେଳେ ଚିତ୍ତରଞ୍ଜନ ନାୟକ ଆଭିମୁଖ୍ୟ ଓ ସୁଶାନ୍ତ ସେନାପତି ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁମା ସୁସ୍ମିତା ସ୍ୱାଇଁ, ସ୍ୱେଦେସ୍ନା ପାତ୍ର, ଆଚାର୍ଯ୍ୟ ରାମଚନ୍ଦ୍ର ଦାସ, ଅଜୟ କୁମାର ରାଉତ, ଦିଲୀପ କୁମାର ଜେନା, ନିମାଇଁ ଚରଣ ବେହେରା, ବିଶ୍ୱପ୍ରଭା ପଲେଇ ପ୍ରମୁଖ ପରିଚାଳନା କରିଥିଲେ।

# ଜାତୀୟ ସେବା ଯୋଜନା ଶିବିର

ସାରସକଣା,୨୪।୧୨ (ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ସୀମାନ୍ତ ମହାବିଦ୍ୟାଳୟର ଯୁକ୍ତ ୨ ବିଭାଗର ସାତଦିନିଆ ଜାତୀୟ ସେବା ଶିବିର ଅଧ୍ୟକ୍ଷ ନଳିନୀ ରଞ୍ଜନ ସେନାପତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଶରତ ପାଳ ମହାବିଦ୍ୟାଳୟ ଅଧ୍ୟାପିକା ତଥା ଜାତୀୟ ସେବା ଯୋଜନାରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସୁଜାତା ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଡ. ପ୍ରବୀର କୁମାର ପଟ୍ଟନାୟକ, ପ୍ରାଧ୍ୟାପକ ଦିଲୀପ କୁମାର ସେନାପତି, ଅଧ୍ୟାପକ ନିହାର ରଞ୍ଜନ ମହାନ୍ତ ଓ ପଦାର୍ଥ ବିଜ୍ଞାନଗାର ସହାୟକ ବିଶ୍ୱନାଥ ମହାନ୍ତ ଯୋଗ ଦେଇଥିଲେ। ଯୁକ୍ତ ୨ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ଶିଶିର କୁମାର ପଟ୍ଟନାୟକ ଶିବିରରେ ଅନ୍ଧବିଶ୍ୱାସ ବିରୋଧରେ ସଚେତନତା, ପୋଷ୍ୟ ଗ୍ରାମରେ ଅନ୍ତତଃ ୫ ଯୋଡ଼ା ବର ଅଶ୍ୱତ୍ଥ ଚାରାରୋପଣ ଓ ରକ୍ଷଣାବେକ୍ଷଣ, ସ୍ୱଚ୍ଛତା, ପରିବେଶ ସଚେତନତା ଆଦି କାର୍ଯ୍ୟକ୍ରମ କରାଯିବା ବିଷୟରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ପଟ୍ଟନାୟକ ଜାତୀୟ ସେବା ଯୋଜନାର ବିଭିନ୍ନ ଦିଗ, ଏନ୍‌ଏସ୍‌ଏସ୍ କ'ଣ, ବ୍ୟକ୍ତି ଚରିତ୍ର ଓ ରାଷ୍ଟ୍ର ଗଠନରେ ଏହାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପୁରାତନ ଛାତ୍ର ଦେବାଶିଷ ଖଟୁଆ, ଚନ୍ଦ୍ରମୋହନ ମାର୍ଣ୍ଡି, ଅର୍ଜୁନ କିସ୍କୁ, ନିରଜ ମହାନ୍ତ, ବାପୁ ସିଂ ପ୍ରମୁଖ କଲେଜ ଜୀବନରେ ଶୃଙ୍ଖଳିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

# କ୍ଷେତ୍ର ପରିଦର୍ଶନ କଲେ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ କମିଶନର

ଭଦ୍ରକ ଅଫିସ,୨୪।୧୨




ସମୀକ୍ଷା ବୈଠକରେ କମିଶନର ଭାସ୍କର ଜ୍ୟୋତି ଶର୍ମାଙ୍କ ସହ ଅଧିକାରୀମାନେ।

ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ କମିଶନର ତଥା ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଶୁକ୍ରବାର ଭଦ୍ରକ ଜିଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ ସହ ବିଭାଗୀୟ କାର୍ଯ୍ୟ ସମୀକ୍ଷା କରିଥିଲେ। ଧାମନଗରଠାରେ ନିର୍ମାଣାଧୀନ ପ୍ରକଳ୍ପ ପରିଦର୍ଶନ କରିବା ସହ ଆରଡ଼ି ନିକଟସ୍ଥ କୁଲେଇପଦାଠାରେ ନିର୍ମାଣାଧୀନ ସାଇନ୍ସ ପାର୍କ ଏବଂ ପ୍ଲାନେଟୋରିଅମ କାର୍ଯ୍ୟ ବୁଲି ଦେଖିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ମଧୁବାବୁ ପେନ୍‌ସନ ଯୋଜନା, ଇନ୍ଦିରା ଗାନ୍ଧୀ ଜାତୀୟ ପେନ୍‌ସନ, ଜାତୀୟ ପରିବାର ମଙ୍ଗଳ ଯୋଜନା, ବାଣିଶ୍ରୀ ବୃତ୍ତି, ସ୍ୱୀକୃତି ଯୋଜନା ଆଦି ବିଷୟରେ ସେ ସମୀକ୍ଷା କରିଥିଲେ। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଉପଜିଲାପାଳ ମନୋଜ ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକଙ୍କ ସହ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ରବିବାର, ୨୫ ଡିସେମ୍ବର, ୨୦୨୨

## ଜିଲା କାରାଗାରରେ ଜେଲ ଅଦାଲତ

କେନ୍ଦୁଝର,(ଡି.ଏନ୍.ଏ): କେନ୍ଦୁଝର ଜିଲା କାରାଗାରରେ ଜେଲ ଅଦାଲତ ଆୟୋଜିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଅଦାଲତ ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଉପଖଣ୍ଡ ବିଚାରପତି ସ୍ଥିତପ୍ରଜ୍ଞ ବିଶ୍ୱାଳ ଓ ଜିଲା ଆଇନସେବା ପ୍ରାଧିକରଣର ସଚିବ ମାମି ବେହେରା ଅଦାଲତ ପରିଚାଳନା କରିଥିଲେ।



# ଜମିରେ ପଚୁଛି ବିଲାତି

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର,୨୪।୧୨**

- କିଲୋ ପ୍ରତି ୬ ଟଙ୍କାରେ ବିକୁଛନ୍ତି ଚାଷୀ
- ଶୀତଳଭଣ୍ଡାର ନିର୍ମାଣ ଦାବି



ଜମିରେ ତୋଳା ନ ହୋଇ ପଡ଼ିରହିଥିବା ବିଲାତି।

କେନ୍ଦୁଝର ଜିଲାରେ ବିଲାତିର ଅଭାବୀ ବିକ୍ରି ଦେଖାଯାଇଛି। ଚାଷୀ ଉଚିତ ମୂଲ୍ୟ ପାଉ ନ ଥିବାରୁ ଚିନ୍ତାରେ ରହିଛନ୍ତି। ଚାଷ ଭଲ ହୋଇଥିଲେ ମଧ୍ୟ ଚାଷୀ ସକାଳୁ ବେପାରୀଙ୍କୁ ଅପେକ୍ଷା କରି ଜମିରେ ବସି ରହୁଛନ୍ତି। ମାତ୍ର କମ୍ ଦରରେ ବ୍ୟବସାୟୀ ବିଲାତି ନେଉନାହାନ୍ତି। ଚାଷୀ ୨୫ କିଲୋ ବିଲାତି ଟ୍ରେକୁ ୧୫୦ ଟଙ୍କାରେ ଶାଗମାଛ ଦରରେ ବିକିବାକୁ ବାଧ୍ୟ ହେଉଛନ୍ତି। ଉଦ୍ୟାନ ଓ କୃଷି ବିଭାଗ ପ୍ରୋତ୍ସାହନରେ ଚାଷୀମାନେ ବିଲାତି ତଥା ଅନ୍ୟ ପନିପରିବା ଚାଷ କରୁଥିଲେ ହେଁ ସେସବୁ ବିକ୍ରିବଟା ପାଇଁ କୌଣସି ବଜାର ସୁବିଧା ନାହିଁ। ଏବେ ପାଖାପାଖି ୧୦ ହଜାରରୁ ଊର୍ଦ୍ଧ୍ୱ ଟନ୍ ବିଲାତି ଅମଳ ହେଉଥିଲେ ହେଁ ବିକ୍ରି ହୋଇ ପାରୁ ନ ଥିବାରୁ ବହୁ ବିଲାତି ନଷ୍ଟ ହେଉଛି ବୋଲି ଚାଷୀ ପ୍ରଦୀପ ସେଠୀ କହିଛନ୍ତି। ଅଭାବୀ ବିକ୍ରିକୁ ଦୂରେଇବା ପାଇଁ ଅଞ୍ଚଳରେ ଏକ ଶୀତଳଭଣ୍ଡାର ନିର୍ମାଣ କରିବାକୁ ଦାବି ହେଉଛି। ପ୍ରକାଶ ଯେ, କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ଟିକରପଡ଼ା, ରାଜବନ୍ଧ, ନୂଆଗାଁ, ରାଇସୁଆଁ, ମହାଦେଇଯୋଡ଼ା, ପଦ୍ମପୁର ଆଦି ଅଞ୍ଚଳରେ ବିଲାତି ଚାଷ ଅଧିକ ହୋଇଛି। ଏହା ବ୍ୟତୀତ ମଇଦାନକେଲ, କାଠବାରି ଆଦି ଅଞ୍ଚଳରେ ଚାଷୀମାନେ ମୁଖ୍ୟତଃ ବିଲାତି ଚାଷ କରିଥାନ୍ତି। ଏବେ ବିଲାତି ଅମଳ ହେଉଥିଲେ ହେଁ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ନାହିଁ। ଫଳରେ ଚାଷୀମାନେ ନଷ୍ଟ ହେବା ଭୟରେ କିଲୋ ପିଛା ୬ ଟଙ୍କାରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ବଜାରରେ ବିଲାତି ଅଧିକ ହେତୁ ବ୍ୟବସାୟୀ କ୍ଷତି ସହି ନେବାକୁ ଅମଙ୍ଗ ହେଉଛନ୍ତି। ଅନେକ ଚାଷୀ ନିଜ ଖର୍ଚ୍ଚରେ ପମ୍ପ ବସାଇ ପାଣି ଆଣି ବିଲାତି ଚାଷ କରିଛନ୍ତି। କିନ୍ତୁ ବାହାର ରାଜ୍ୟ ବିହାର, ଝାଡ଼ଖଣ୍ଡ ତଥା ବାହାର ଜିଲାର ବିଲାତି ଜିଲାକୁ ଆସି ବିକ୍ରି କରାଯାଉଥିଲେ ହେଁ ଏଠାକାର ଚାଷୀ ଉଚିତ ମୂଲ୍ୟ ପାଇପାରୁନାହାନ୍ତି। ସାର ଓ ବିହନ ମୂଲ୍ୟ ଭରଣା ପାଇଁ ନିଜେ ବଜାରରେ ବସି ବ୍ୟବସାୟ କରିବାକୁ ପଡୁଛି ବୋଲି ଚାଷୀ ଲଘୁ ସୋରେନ କହିଛନ୍ତି। ଅଭାବୀ ବିକ୍ରି କାରଣରୁ ଅନେକ ଚାଷୀ କ୍ଷେତରୁ ବିଲାତି ତୋଳୁ ନ ଥିବା ମଧ୍ୟ ଦେଖିବାକୁ ମିଳିଛି। ଅଭାବୀ ଜିଲା ସହିତ ସମନ୍ୱୟ ରକ୍ଷା କରି ବିଲାତି ଚାଲାଣ କରାଯାଇ ପାରିଲେ ଚାଷୀମାନେ ଉଚିତ ମୂଲ୍ୟ ପାଇପାରିବେ ବୋଲି ବିଶ୍ୱମ୍ଭର ମାଝୀଙ୍କ ସମେତ ବହୁ ଚାଷୀ ମତବ୍ୟକ୍ତ କରୁଛନ୍ତି। ଟନରୁ ଊର୍ଦ୍ଧ୍ୱ ବିଲାତି ବାହାରୁ ଥିବାରୁ କୌଣସି ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ (ଫୁଡ୍ ପ୍ରୋସେସିଂ ୟୁନିଟ୍) ପ୍ରତିଷ୍ଠା କରି ବିଲାତି ସସ୍ ପ୍ରସ୍ତୁତ କରୁଥିବା କମ୍ପାନୀମାନଙ୍କୁ ସିଧାସଳଖ ବିକ୍ରି କରାଯାଇପାରନ୍ତା। ଏନେଇ ପ୍ରଶାସନ ପକ୍ଷରୁ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ପ୍ରତ୍ୟେକ ବର୍ଷ ଜମିବାଡ଼ିରେ ବିଲାତି ତୋଳା ହୋଇ ନ ପାରି ପଚୁଛି। ସେହିପରି ବିଭିନ୍ନ ହଷ୍ଟେଲକୁ ବିଲାତି ଯୋଗାଣ ହେଲେ ଛାତ୍ରୀଛାତ୍ରମାନେ ଭଲ ପରିବା ଖାଇବାକୁ ପାଇପାରିବେ ବୋଲି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିମ୍ବାଧର ବେହେରା ମତ ଦେଇଛନ୍ତି ।

ଏନେଇ ଉଦ୍ୟାନ ଉପନିର୍ଦ୍ଦେଶକ ଡ. ଜୟନ୍ତ ନାଏକ କହିଛନ୍ତି, ଏପିସି (ଏଗ୍ରିକଲଚର ପ୍ରଡକ୍ସନ କ୍ଲଷ୍ଟର) ଗୁଡ଼ିକ ଏହାର ମାର୍କେଟିଂ କରୁଛନ୍ତି। ଆଗରୁ ଚାଷୀ ନିଜେ ଚୟନ କରୁଥିଲେ। ଏବେ ବଜାରର ଚାହିଦାକୁ ଦେଖି ଚାଷ କରିବା ପାଇଁ ଏପିସିମାନେ ପଦକ୍ଷେପ ନେଉଛନ୍ତି। ଫଳରେ ଆଗକୁ ଅଭାବୀ ବିକ୍ରି ସମସ୍ୟା ହେବ ନାହିଁ। ସେହିପରି ବିଭିନ୍ନ ଛାତ୍ରାବାସକୁ ବିଲାତି ପଠାଇବା ଓ ପ୍ରୋସେସିଂ ୟୁନିଟ ସ୍ଥାପନା ନେଇ ଯୋଜନା ପ୍ରସ୍ତୁତ କରାଯାଉଛି ବୋଲି କହିଥିଲେ।

## ସଂକ୍ଷେପରେ

### ଗର୍ଭବତୀଙ୍କୁ ରକ୍ତ ଦେଲେ ଯୁବକ



ମୋରଡ଼ା,୨୪।୧୨(ଡି.ଏନ.ଏ)-ଜରୁରୀ ସମୟରେ ଜଣେ ଗର୍ଭବତୀ ମହିଳାଙ୍କୁ ରକ୍ତ ଦେଇ ମାନବିକତା ଦେଖାଇଛନ୍ତି ଯୁବକ। ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଉକ୍ତ ଗର୍ଭବତୀ ମହିଳାଙ୍କ ପାଇଁ ଜରୁରୀକାଳୀନ ରକ୍ତ ଆବଶ୍ୟକ ଥିଲା। ଡାକ୍ତରଖାନାରୁ ଖବର ପାଇଥିଲେ ମୋରଡ଼ା ବ୍ଲକ ଚିତ୍ରଡ଼ାର ବାବା ଚିତ୍ରେଶ୍ୱର କ୍ଲବ ସଭାପତି ତୋଫାନ ମହାନ୍ତ। ଶନିବାର ସେ ତାଙ୍କ ସହଯୋଗୀ ବୁବୁନ ମହାନ୍ତଙ୍କୁ ନେଇ ଡାକ୍ତରଖାନାରେ ପହଞ୍ଚିଥିଲେ। ଏହାପରେ ବୁବୁନ ରକ୍ତଦାନ କରିଥିଲେ।

### ବିପୁଳ ପରିମାଣର ମଦ, ପୋଚ ନଷ୍ଟ

ଖୁଣ୍ଟା,୨୪।୧୨(ଡି.ଏନ୍.ଏ): ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ବିଭାଗ ଅଧୀନ ବିଭିନ୍ନ ଅଞ୍ଚଳରେ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଚଢ଼ାଉରେ ବିପୁଳ ପରିମାଣରେ ମହୁଲ ଓ ପୋଚ ନଷ୍ଟ କରାଯାଇଥିବା ବେଳେ ଦେଶୀ ମଦ ଜବତ କରାଯାଇଛି। ଅବକାରୀ ଅଧିକ୍ଷକ ପ୍ରସନ୍ନ କୁଅଁରଙ୍କ ନିର୍ଦ୍ଦେଶ କ୍ରମେ ଖୁଣ୍ଟା ଅବକାରୀ ବିଭାଗ ଅଧିକାରୀ ବିଜୟ ମହାନ୍ତ, ଉଦଳାର ବିଶ୍ୱନାଥ ମହାନ୍ତଙ୍କ ସମେତ ମୋବାଇଲ ଟିମ୍ ଖୁଣ୍ଟା ଥାନା ଅଧୀନ ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇଥିଲା। ସାତପୌଟିଆ ଗ୍ରାମରେ ପ୍ରସ୍ତୁତ ହୋଇ ରହିଥିବା ୯୦ ଲିଟର ମହୁଲିମଦ ସମେତ ପ୍ରସ୍ତୁତ ନିମନ୍ତେ ୫୦ ଗୋଟି ଡ୍ରମରେ ଗଚ୍ଛିତ ଥିବା ୨୫୦୦ କେଜି ମହୁଲ ପୋଚ ବିଭାଗ ଜବତ କରିଥିଲା। ସେହିପରି ମହ୍ଲାରପଦା ଗ୍ରାମରୁ ୧୨୦ ଲିଟର ମଦ ସମେତ ୪୮ ଗୋଟି ଡ୍ରମରେ ଥିବା ୨୪୦୦ କେଜି ପୋଚ, ଉଦଳା ଥାନା ବେଲପାଳ ଗ୍ରାମରୁ ୩୬ ଡ୍ରମରେ ଗଚ୍ଛିତ ଥିବା ୧୮୦୦ କେଜି ମହୁଲ ପୋଚ ସମେତ ୮୦ ଲିଟର ମଦ ଜବତ କରିଥିଲା। ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଖୁଣ୍ଟା ଅବକାରୀ ବିଭାଗ କନଷ୍ଟେବଳ ତମନ ପରିଡ଼ା, ଦୀପଞ୍ଜଳିଦାସଙ୍କ ସମେତ ଉଦଳା ଓ ମୋବାଇଲ ଟିମ୍‌ର ଅନ୍ୟ କର୍ମଚାରୀମାନେ ସାମିଲଥିଲେ।

### ବିଜେଡିର ବନ୍ଧୁମିଳନ

ସାରସକଣା,୨୪।୧୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ସାରସକଣାଠାରେ ବାର୍ଷିକ ବନ୍ଧୁମିଳନ ଉତ୍ସବ ପାଳନ ହୋଇଯାଇଛି। ଜିଲା ଉପସଭାପତି ଅମରେନ୍ଦ୍ର କରଙ୍କ ଆହ୍ୱାନକ୍ରମେ ଆୟୋଜିତ ମିଳନ ପର୍ବରେ ବ୍ଲକ୍ ଅଧକ୍ଷା ତୁଳସୀ ସିଂ, ଉପାଧ୍ୟକ୍ଷ ମିହିର ଘୋଷ, ୫୫ ନଂ. ଜିଲାପରିଷଦ ସଦସ୍ୟା ମାନୀ ମାହାଲି, ୫୬ ନଂ. ଜୋନର ମିତାରାଣୀ ନାଏକ, ପୂର୍ବତନ ଅଧକ୍ଷ ଦୁର୍ଗାଚରଣ ମୁର୍ମୁ ଓ ମଙ୍ଗଲ ସିଂଙ୍କ ସହିତ ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଦଳକୁ ଆଗାମୀ ନିର୍ବାଚନରେ ବିଜୟ ପାଇଁ ପ୍ରସ୍ତୁତି କଡ଼ା କରିବାକୁ ଜିଲା ଉପସଭାପତି କର କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଜେଡି ତରଫରୁ ନୂତନ ଯୁବ ସଭାପତି ଭାବେ ମଣିଶଙ୍କର ବାରିକଙ୍କୁ ନିର୍ବାଚନ ମଣ୍ଡଳୀ ଦାୟିତ୍ୱ ଦେଇଥିବାରୁ ସେ ସମସ୍ତ ଦଳୀୟ କର୍ମୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

### ନିଶା ନିବାରଣ ସଚେତନତା

ଧାମନଗର,୨୪।୧୨(ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ବ୍ଲକ ଅସୁରାଳି ଆଞ୍ଚଳିକ ମହିଳା ମହାବିଦ୍ୟାଳୟରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଧାମନଗର ଶାଖା ଆନୁକୂଲ୍ୟରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ସଞ୍ଜୟ କୁମାର ବହଳ ସଭାପତିତ୍ୱ କରିଥିଲେ। ନିଶା ରାକ୍ଷସ କବଳରେ କବଳିତ ହେଉଥିବା ସମାଜର ସ୍ଥିତିକୁ ସୁଧାରି ଏକ ସୁନ୍ଦର ତଥା ସୁସ୍ଥ ସମାଜ ଗଠନ ସଂକଳ୍ପକୁ ସାକାର କରିବା ଶିବିରର ଉଦ୍ଦେଶ୍ୟ ଥିଲା। ସଙ୍ଗଠନର ସାଧାରଣ ସମ୍ପାଦକ ଆଇନଜୀବୀ ରମେଶ ଚନ୍ଦ୍ର ବେହେରା ସଂଯୋଜନା କରିଥିଲେ। ବ୍ଲକ ଶାଖା ସଭାପତି ଶିକ୍ଷାବିତ୍ ସଚ୍ଚିକାନ୍ତ ପଣ୍ଡା, ସାମାଜିକ କର୍ମୀ ଶ୍ରୀକାନ୍ତ କୁମାର ପଣ୍ଡା, ଅଧ୍ୟାପକ ହୃଷିକେଶ ରାଉତ, ଅଧ୍ୟାପିକା କାମିନୀବାଳା ମିଶ୍ର, ଗାୟତ୍ରୀ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ରାମାନୁଜ ପତି ଧନ୍ୟବାଦ ପ୍ରଦାନ କରିଥିଲେ। ବହୁସଂଖ୍ୟକ ଛାତ୍ରୀ ଶିବିରରେ ସାମିଲ ହୋଇଥିଲେ।

## ସନ୍ତୋଷଙ୍କୁ କମ୍ୟୁନିଟି ରିପୋର୍ଟର ସମ୍ମାନ



ସନ୍ତୋଷ ଅତିଥିଙ୍କଠାରୁ ମାନପତ୍ର ଗ୍ରହଣ କରୁଛନ୍ତି।

**କେନ୍ଦୁଝର,୨୪।୧୨ (ସ୍ୱ.ପ୍ର./ଡି.ଏନ୍.ଏ)**

କମ୍ୟୁନିଟି ମିଡ଼ିଆ ନେଟୱର୍କ ଏବଂ ୟଙ୍ଗ ଇଣ୍ଡିଆ ପକ୍ଷରୁ କୋଣାର୍କ ଯାତ୍ରୀ ନିବାସଠାରେ ଓଡ଼ିଶା ମିଡ଼ିଆ ଆୱାର୍ଡ-୨୦୨୨ ସମାରୋହରେ କେନ୍ଦୁଝର ଜିଲାର ଖବରଦାତା ସନ୍ତୋଷ ମହାପାତ୍ର ସମ୍ବର୍ଦ୍ଧିତ ହୋଇଛନ୍ତି। ଓଡ଼ିଶାରେ ସାମ୍ବାଦିକତାର ମୂଲ୍ୟବୋଧ, ଗୁଣାୟକ ମାନ, ନୂତନ ପରୀକ୍ଷା ନିରୀକ୍ଷା, ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ଅଙ୍ଗୀକାର, ନୂତନ ପ୍ରତିଭା ତଥା ସାମଗ୍ରୀକଭାବେ ଗୁଣାତ୍ମକ ଅବଦାନକୁ ଲୋକଲୋଚନକୁ ଆଣିବା ପାଇଁ ଓଡ଼ିଶା ମିଡିଆ ସମିଟ ଓ ଓଡ଼ିଶା ମିଡ଼ିଆ ଅୱାର୍ଡ ଆୟୋଜନ ହୋଇଥିଲା। ଖବରଦାତା ଏବଂ ଗଣମାଧ୍ୟମ ସଦସ୍ୟଙ୍କୁ ସମ୍ମାନିତ ଏବଂ ଉତ୍ସାହିତ କରିବା ଏହାର ଲକ୍ଷ୍ୟ ବୋଲି ଆୟୋଜକ ସଂସ୍ଥା ନମସ୍କାର କମ୍ୟୁନିଟି ମିଡ଼ିଆ ନେଟ୍‌ୱର୍କର ମୁଖ୍ୟ ଏନଏ ଶାହା ଅନ୍‌ସାରୀ କହିଛନ୍ତି। ଚଳିତବର୍ଷର ଓଡ଼ିଶା ମିଡ଼ିଆ ଅୱାର୍ଡ - ୨୦୨୨ରେ ଶ୍ରେଷ୍ଠ ଖବରଦାତା (କମ୍ୟୁନିଟି ରିପୋର୍ଟର) ଭାବେ ଯୁବ ସାମ୍ବାଦିକ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।

## ୧୭୦ ଲିଟର ମଦ ଜବତ, ୫ ଗିରଫ

**ଚମ୍ପୁଆ,୨୪।୧୨(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ଅବକାରୀ ଅଧିକାରୀ ଚନ୍ଦନ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଜିଲା ମୋବାଇଲ ୟୁନିଟ୍, ଚମ୍ପୁଆ ଓ ଝୁମ୍ପୁରା ଅବକାରୀ ବିଭାଗର ମିଳିତ ଚଢ଼ାଉ କରାଯାଇଥିଲା। ଚମ୍ପୁଆରେ ମୁରୁସୁଆଁ, କୁଲଡ଼ି, ଚମକପୁର, ଏସେଲକୁଟ ଆଦି ଅଞ୍ଚଳରେ ଚଢ଼ଉ କରି ୧୭୦ ଲିଟର ମହୁଲି ଜବତ କରିଥିବା ବେଳେ ୨୫୦୦ କେଜି ପୋଚ ନଷ୍ଟ କରିଥିଲେ। ବେଆଇନ ମଦ କାରବାର ଅଭିଯୋଗରେ ମିନାକ୍ଷୀ ମୁଣ୍ଡା, ଲୁବୁ ମାଝି, ଲକ୍ଷା ମୁଣ୍ଡା, ଲକ୍ଷ୍ମୀ ମାଝି ସମେତ ଶିବାନୀ ମାଝିଙ୍କୁ ଗିରଫ କରାଯାଇଛି।

## ସୀମାନ୍ତ ଗ୍ରାମୀଣ ମହୋତ୍ସବ ଉଦ୍‌ଘାଟିତ

**ଜଳେଶ୍ୱର,୨୪।୧୨(ଡି.ଏନ୍.ଏ)**

ଜଳେଶ୍ୱର ନୂଆବଜାରସ୍ଥିତ ୬୦ନଂ.ଜାତୀୟ ରାଜପଥର ଅଲାଲପୁର ବାଇପାସ୍‌ଠାରେ ଶନିବାର ସୀମାନ୍ତ ଗ୍ରାମୀଣ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ମହୋତ୍ସବ ପଡ଼ିଆର ଦୀନକୃଷ୍ଣ ମଞ୍ଚରେ ଆୟୋଜିତ ସଭାରେ ସଂଗଠନର ସଭାପତି ସୁନିଲ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟକ ଭାବେ ବାଲେଶ୍ୱର ଜିଲା ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଯୋଗ ଦେଇଥିଲେ। ପ୍ରଫୁଲ୍ଲ ଗିରି, ସଂଗଠନର ସମ୍ପାଦକ ସୁଜୟ ଗିରି, ଅଶୋକ ଦାସ, କମଳ ଚକ୍ରବର୍ତ୍ତୀ, ଦିଲ୍ଲୀପ କୁମାର ପରିଡ଼ା, ମନୋରଞ୍ଜନ ଦାସ, ଶିବନାରାୟଣ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସନ୍ଧ୍ୟାରେ ଏକ ସୁସଜ୍ଜିତ ଶୋଭାଯାତ୍ରା ଷ୍ଟେଶନବଜାରରୁ ମେଳା ପର୍ଯ୍ୟନ୍ତ ଆସିଥିଲା ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com



@ଚିନ୍ମୟ



@ଲିଜା



@ପ୍ରତାପ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ମେମୋ ଟ୍ରେନ୍ ଜଳେଶ୍ୱରକୁ ସମ୍ପ୍ରସାରଣ ନେଇ ପ୍ରତିବାଦ

**ଭଦ୍ରକ ଅଫିସ, ୨୪।୧୨**

ଭଦ୍ରକରୁ ପୁରୀ ଚାଲିବାକୁ ଥିବା ନୂତନ ମେମୋ ଟ୍ରେନ୍ ଜଳେଶ୍ୱରକୁ ସମ୍ପ୍ରସାରଣ ହେବା ନେଇ କୌଣସି ସୂତ୍ରରୁ ଜାଣିବା ପରେ ପୂର୍ବତନ ବିଧାୟକ ନରେନ ପଲେଇ ସମର୍ଥକଙ୍କ ସହ ଏହାର ପ୍ରତିବାଦ କରିଛନ୍ତି। ରେଳମନ୍ତ୍ରୀ, ଭଦ୍ରକ ଜିଲାପାଳ, ଏସ୍‌ପି, ରେଲୱେ ଷ୍ଟେଶନ ମ୍ୟାନେଜରଙ୍କୁ ସମ୍ପ୍ରସାରଣ ବନ୍ଦ କରିବା ପାଇଁ ସେ ଦାବିପତ୍ର ପ୍ରଦାନ କରିଛନ୍ତି। ଶନିବାର ଅପରାହ୍ନରେ ନରେନଙ୍କ ନେତୃତ୍ୱରେ ଭଦ୍ରକ ରେଲୱେ ଷ୍ଟେଶନ ପରିସରରେ ଏକ ପ୍ରତିବାଦ ସଭା ହୋଇଥିଲା। ପ୍ରକାଶଥାଉ କି, ଭଦ୍ରକରୁ ପୁରୀ ମେମୋ ଟ୍ରେନ୍ ଚଳାଚଳ ପାଇଁ ସେ ଦୀର୍ଘଦିନ ଧରି ଦାବି କରିବା ସହ ଅନେକ ଥର ଘଣ୍ଟିକିଆ ରେଳରୋକୋ କରିଥିଲେ। ଶେଷରେ ଆସନ୍ତା ୨୯ ତାରିଖରୁ ଏହି ଟ୍ରେନ୍ ଚାଲିବ ବୋଲି ଡିଭିଜନାଲ ରେଲୱେ ମ୍ୟାନେଜରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ଏବେ ଉକ୍ତ ମେମୋ ଟ୍ରେନ୍ ଭଦ୍ରକ ପରିବର୍ତ୍ତେ ଜଳେଶ୍ୱରରୁ ଛାଡ଼ିବ ବୋଲି ଜଣାପଡ଼ିଛି।

## ବିବିସିସି ବ୍ୟାଙ୍କର ନୂତନ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଧାମନଗର, ୨୪।୧୨(ସ୍ୱ.ପ୍ର.)**

ଧାମନଗର ବ୍ଲକ ଭଗବାନପୁର ଶ୍ରୀଜଗନ୍ନାଥ ସେବା ସମବାୟ ସମିତି ପରିସରରେ ବାଲେଶ୍ୱର-ଭଦ୍ରକ ସମବାୟ ସମିତି କର୍ମଚାରୀ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଅରୁଣ ଉଦୟ ପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବିବିସିସି (ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ) ବ୍ୟାଙ୍କର ନୂତନ ସଭାପତି ଗଣେଶ ପ୍ରସାଦ ମହାପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଧାମନଗର ଶାଖା ବ୍ୟାଙ୍କର ସଭ୍ୟ ଦଶରଥ ଜେନା, ଭଦ୍ରକ ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଜିଲା ପରିଷଦ ସଭ୍ୟା ଉର୍ମିଳା ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏନ୍‌ଏସି ଉପାଧ୍ୟକ୍ଷ ଓସିମ ଏଜଦାନି କାଦରୀ, ବ୍ଲକ ବିଜେଡି ସଭାପତି ଉମେଶ ମହାନ୍ତି, ଏନ୍‌ଏସି ସଭାପତି ସୁଶାନ୍ତ ରାଉତ, ବିବିସିସି ବ୍ୟାଙ୍କ ଧାମନଗର ଶାଖା ପରିଚାଳକ ମାନସ ରଞ୍ଜନ ମହାପାତ୍ର, ମୃତ୍ୟୁଞ୍ଜୟ ପଣ୍ଡା, ବିଦ୍ୟାଧର ପଣ୍ଡା, ସୁଧାକର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସଭାପତି ଅଭିମନ୍ୟୁ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ହୋଟେଲ ସ୍ୱାଇସି ଗାର୍ଡେନ୍ ଉଦ୍‌ଘାଟିତ

**ବାଲେଶ୍ୱର ଅଫିସ,୨୪।୧୨**

ବାଲେଶ୍ୱର ସହର ବିସିସେନ ରୋଡ୍‌ରେ ଦେଶୀବିଦେଶୀ ମନଲୋଭା ଖାଦ୍ୟର ଆକର୍ଷଣ ସୃଷ୍ଟି କରୁଥିବା ହୋଟେଲ 'ସ୍ୱାଇସି ଗାର୍ଡେନ୍' ଉଦ୍‌ଘାଟିତ ହୋଇଛି। ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ସହରରେ ଏଭଳି ହୋଟେଲର ଆବଶ୍ୟକତା ରହିଥିବା ପ୍ରକାଶ କହିଥିଲେ। ଏହି ହୋଟେଲରେ ଇଣ୍ଡିଆନ୍, ଚାଇନିଜ୍, ତନ୍ଦୁର, କଣ୍ଟିନେଣ୍ଟାଲ, ସାଉଥ୍ ଇଣ୍ଡିଆନ୍‌ର ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ଉପଲବ୍ଧ ରହିଛି। ମୁମ୍ବାଇ, କୋଲକାତା ସମେତ ଅନ୍ୟ ରାଜ୍ୟର ବଛାବଛା କୁକ୍ ଆସିଥିବା ବେଳେ ଲୋକମାନଙ୍କ ସୁରକ୍ଷା ଓ ପାରିବାରିକ ପରିବେଶ ପ୍ରତି ସର୍ବାଧିକ ଗୁରୁତ୍ୱ ଦିଆଯାଇଛି ବୋଲି ସତ୍ତ୍ୱାଧିକାରୀ ଜୟନାରାୟଣ ମହାନ୍ତି କହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କର୍ଣ୍ଣେଲ ଲକ୍ଷ୍ମୀଧର ଭୂୟାଁ, ମୁରଲୀ ମୋହନ ମହାନ୍ତି, ଚନ୍ଦନ କୁମାର ମହାନ୍ତି, ସମାଜସେବୀ ରାଜେନ୍ଦ୍ର ରାଉତ, ବିଶ୍ୱଜିତ୍ ପ୍ରମାଣିକ, ଅହୀନ୍ଦ୍ର କୁମାର କର, ଲକ୍ଷ୍ମୀନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ହୋଟେଲ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ୪୪ ଅଧିକାରୀଙ୍କୁ ତାଲିମ ପ୍ରମାଣପତ୍ର ବଣ୍ଟନ

**ଗ୍ରାମାଞ୍ଚଳରେ ଜାତୀୟ ସେବା ଯୋଜନାକୁ ଲୋକାଭିମୁଖୀ କରିବା ପାଇଁ ଆହ୍ୱାନ**

**ବାଲେଶ୍ୱର ଅଫିସ,୨୪।୧୨**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ଏବଂ ରାଜ୍ୟ ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ କେନ୍ଦ୍ର ଓ ବିଶ୍ୱ ବିଦ୍ୟାଳୟ ମାନବ ସମ୍ବଳ ବିକାଶ କେନ୍ଦ୍ରର ମିଳିତ ସହଯୋଗରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ମାନଙ୍କର ତାଲିମ କାର୍ଯ୍ୟକ୍ରମ ଶନିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କର ବ୍ୟକ୍ତିତ୍ୱର ବିକାଶ ସହିତ ଗ୍ରାମାଞ୍ଚଳରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବା ପାଇଁ କାର୍ଯ୍ୟକ୍ରମଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ।

ପ୍ରୋଗ୍ରାମ କୋଅର୍ଡିନେଟର ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜାତୀୟ ସେବା ଯୋଜନା ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, ଓଡ଼ିଶା ଜାତୀୟ ସେବା ଯୋଜନା ତାଲିମ କେନ୍ଦ୍ରର ସହକାରୀ ତାଲିମ ସଂଯୋଜକ ଡ. ନୀରଦ ବରଣ ଖୁଣ୍ଟିଆ ଓ ବାଲେଶ୍ୱର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରମୁଖ ଯୋଗଦେଇ ଜାତୀୟ ସେବା ଯୋଜନା ତାଲିମ କାର୍ଯ୍ୟକ୍ରମ ଆଗାମୀ ଦିନରେ କାର୍ଯ୍ୟକ୍ରମ ଅଧିକାରୀମାନଙ୍କୁ ପୋଷ୍ୟଗ୍ରାମରେ କାର୍ଯ୍ୟ କରିବା ପାଇଁ ସାହାଯ୍ୟ କରିବ ବୋଲି ମତପ୍ରକାଶ କରିଥିଲେ। ପ୍ରୋଗ୍ରାମ ଅଫିସର ଡ. ପ୍ରତିମା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ଜଗନ୍ନାଥ ବେହେରା, ରାଜକିଶୋର ବାରିକ ଓ ସନ୍ଧ୍ୟାରାଣୀ ମିଶ୍ର ପ୍ରମୁଖ ତାଲିମ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ଓ ଭଦ୍ରକ ଜିଲାରୁ ୪୪ ଜଣ କାର୍ଯ୍ୟକ୍ରମ ଅଧିକାରୀ ଅଂଶଗ୍ରହଣ କରିଥିଲେ। ପ୍ରୋଗ୍ରାମ ଅଫିସର ଓ ଜାତୀୟ ସେବା ଯୋଜନା ବ୍ୟୁରୋର ଅଫିସ ସହାୟକ ତାପସ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରୋଗ୍ରାମ ଅଫିସରମାନଙ୍କୁ ଅତିଥିମାନେ ତାଲିମ ପ୍ରମାଣପତ୍ର ବଣ୍ଟନ କରିଥିଲେ। ସହକାରୀ ପ୍ରାଧ୍ୟାପକ ଡ. ସୁଦର୍ଶନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ଅତିଥି ଓ କାର୍ଯ୍ୟକ୍ରମ ଅଧିକାରୀ।

